# NATIONAL NEWS BULLETIN (ODIA)

**20 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦେଶର ୩ ପ୍ରତିରକ୍ଷା ବାହିନୀର ମିଳିତ ପଦକ୍ଷେପ ଦ୍ୱାରା ଅପରେସନ ସିନ୍ଦୂର ଅବସରରେ ପାକିସ୍ତାନ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲା, କହିଲେ ପ୍ରଧାନମନ୍ତ୍ରୀ

- ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଆଜି ହେଉଛି ନାମାଙ୍କନପତ୍ର ଦାଖଲର ଶେଷ ଦିବସ

- ବିଶ୍ୱବ୍ୟାଙ୍କ ସହ ୩ ବିଲିୟନ୍ ଆମେରିକୀୟ ଡଲାରର ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି ଏସୀୟ ଉନ୍ନୟନ ବ୍ୟାଙ୍କ

- ବଲିଭିୟାର ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ ମଧ୍ୟମପନ୍ଥୀ ସିନେଟର ରୋଡ୍ରିଗୋ ପାଜ୍

ଏବଂ

- ଆଇସିସି ମହିଳା କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାରେ ଆଜି ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ହେବ ମୁକାବିଲା

## ପିଏମ୍-ଗୋଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩ ପ୍ରତିରକ୍ଷା ବାହିନୀ ମଧ୍ୟରେ ସମନ୍ୱୟ ଅପରେସନ ସିନ୍ଦୂର ସମୟରେ ପାକିସ୍ତାନକୁ ଆତ୍ମସମର୍ପଣ କରିବାକୁ ବାଧ କରିଥିଲା । ଗୋଆ ଏବଂ କରଓ୍ୱାର ଉପକୂଳରେ

ଆଇଏନ୍‌ଏସ୍ ବିକ୍ରାନ୍ତରେ ନୌସେନା କର୍ମଚାରୀଙ୍କ ସହିତ ଆଜି ଦୀପାବଳି ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ଆଇଏନ୍‌ଏସ୍ ବିକ୍ରାନ୍ତ ହେଉଛି ଆତ୍ମନିର୍ଭର ଏବଂ ମେଡ୍ ଇନ୍ ଇଣ୍ଡିଆର ଏକ ଉତ୍କୃଷ୍ଟ ଉଦାହରଣ । ସରକାର ପ୍ରତ୍ୟେକ ଆହ୍ୱାନର ମୁକାବିଲା ତଥା ସ୍ଥିରତା ବଜାୟ ରଖିବାକୁ  ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O (PM-Atmanirvar Bharat)**

ନୌସେନା କର୍ମଚାରୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସେମାନଙ୍କ ସହିତ ଦୀପାବଳି ପାଳନ କରୁଥିବାରୁ ସେ ଗର୍ବିତ । ସମୁଦ୍ର ଜଳରେ ସୂର୍ଯ୍ୟକିରଣର ଆଲୋକ ସାହସୀ ସୈନିକଙ୍କ ଦ୍ୱାରା ଜଳୁଥିବା ଦୀପାବଳିର ଦୀପ ସଦୃଶ ବୋଲି ପ୍ରଧାନମନ୍ତ୍ରୀ ବର୍ଣ୍ଣନା କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ସୁରକ୍ଷା ବାହିନୀର ସାହସ ଏବଂ ଦୃଢ଼ ନିଷ୍ପତ୍ତି ଯୋଗୁଁ ଦେଶରୁ ମାଓ ଆତଙ୍କବାଦକୁ ହ୍ରାସ କରିବାରେ ଉଲ୍ଲେଖନୀୟ ସଫଳତା ମିଳିଛି **: V/O (PM- Naxal)**

ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମବର୍ଷ ଶ୍ରୀ ମୋଦୀ ଲଦାଖର ସିଆଚେନ୍ ହିମବାହ ଅଞ୍ଚଳରେ ସୈନିକଙ୍କ ସହିତ ଦୀପାବଳି ପାଳନ କରିଥିଲେ। ଗତବର୍ଷ ସେ ସର୍‌କ୍ରିକ୍‌ରେ ନିୟୋଜିତ ସୈନିକଙ୍କ ସହ ଦୀପାବଳି ପାଳନ କରିବା ସହ ସୀମା ସୁରକ୍ଷା କର୍ମଚାରୀଙ୍କ ସହ ଦୀପାବଳି ପର୍ବ ପାଳନ କରିବାର ପରମ୍ପରା ଜାରି ରଖିଛନ୍ତି ।

---

## ବିହାର ଇଲେକ୍ସନ

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆଜି ଶେଷ ହେଉଛି । ଏପର୍ଯ୍ୟନ୍ତ ଏହି

ପର୍ଯ୍ୟାୟ ଲାଗି ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ମୋଟ୍ ୧ ହଜାର ୬୬ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି । ବିଧାନସଭାର ମୋଟ୍ ୨୪୩ଟି ଆସନ ମଧ୍ୟରୁ ଆସନ୍ତାମାସ ୧୧ ତାରିଖରେ ୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବ ।

ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ । ଆସନ୍ତାମାସ ୬ ତାରିଖରେ ଏହି ପର୍ଯ୍ୟାୟ ପାଇଁ ୧୮ଟି ଜିଲ୍ଲାର ୧୨୧ଟି ଆସନରେ ମତ ଗ୍ରହଣ କରାଯିବ । ବିହାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟ ପାଇଁ ମୋଟ୍ ୧ ହଜାର ୩୭୫ ଜଣଙ୍କ ନାମାଙ୍କନପତ୍ର ବୈଧ ଘୋଷଣା କରାଯାଇଛି । ସେଥିମଧ୍ୟରେ ୧୪୭ ଜଣ ମହିଳା ଏବଂ ୧ ହଜାର ୨୪୮ ଜଣ ପୁରୁଷ ପ୍ରାର୍ଥୀ ରହିଛନ୍ତି ।

ଇତିମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ କଂଗ୍ରେସ ୬ ଜଣ ପ୍ରାର୍ଥୀଙ୍କ ତୃତୀୟ ତାଲିକା ଗତ ସନ୍ଧ୍ୟାରେ ପ୍ରକାଶ କରିଛି । ଆର୍‌ଜେଡି ପ୍ରାର୍ଥୀ ରିଷି ମିଶ୍ର ପାରସ୍ପରିକ ବୁଝାମଣା ଆଧାରରେ ଦରଭଙ୍ଗାର ଜାଲେ ବିଧାନସଭା ଆସନରୁ କଂଗ୍ରେସ ଚିହ୍ନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଏହାକୁ ମିଶାଇ ବିହାର ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପ୍ରାର୍ଥୀଙ୍କ ସଂଖ୍ୟା ୬୦ରେ ପହଞ୍ଚିଛି । ରାଷ୍ଟ୍ରୀୟ ଜନତା ଦଳ-ଆର୍‌ଜେଡି ପକ୍ଷରୁ ମଧ୍ୟ ଆଜି ୧୪୩ ଜଣଙ୍କର ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି ।

ବିହାରରେ ନିର୍ବାଚନ ଆଦର୍ଶ ଆଚରଣ ସଂହିତା ଲାଗୁ ହେବା ପରଠାରୁ ବିଭିନ୍ନ ପ୍ରବର୍ତ୍ତନ ସଂସ୍ଥା, ପେଟ୍ରୋଲିଂ ୟୁନିଟ୍ ଏବଂ ଯାଞ୍ଚ ଦଳ ପକ୍ଷରୁ ୨୩ କୋଟି ୪୧ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ମଦ ଏବଂ ପ୍ରାୟ ୧୭ କୋଟି ଟଙ୍କା ମୂଲ୍ୟର ନିଶାଦ୍ରବ୍ୟ ଜବତ କରାଯାଇଛି । ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ରଖାଯାଇଥିବା ୪ କୋଟି ୧୯ ଲକ୍ଷ ଟଙ୍କାର ନଗଦ ଟଙ୍କା ସହ ୪୩ କୋଟି ୧୩ ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଛି ।

## ଜିଏସ୍‌ଟି-ରିୟଲ୍ ଇଷ୍ଟେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷିତ ଏବଂ ଗତମାସ ୨୨ ତାରିଖରୁ ଆରମ୍ଭ ହୋଇଥିବା ଜିଏସଟି ବଚତ୍ ଉତ୍ସବ ସମାଜର ସବୁବର୍ଗର ଲୋକଙ୍କୁ ସୁଫଳ ପ୍ରଦାନ କରୁଛି । ଦେଶର ରିୟଲ୍ ଇଷ୍ଟେଟ୍ କ୍ଷେତ୍ରକୁ ସୁଦୃଢ କରିବାରେ ପରବର୍ତ୍ତୀ ପିଢ଼ି ଜିଏସଟି ସଂସ୍କାର ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ସିମେଣ୍ଟ ଉପରେ ଟିକସ ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ ପାଇଛି । ଫଳରେ ଆବାସ, ଏବଂ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣର ଖର୍ଚ୍ଚହ୍ରାସ ପାଉଥିବା ଜଣାପଡ଼ିଛି । ମାର୍ବଲ ଏବଂ ଗ୍ରାନାଇଟ୍ ବ୍ଲକ୍ ଉପରେ ମଧ୍ୟ ଜିଏସଟି ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯିବା ଫଳରେ ସାଧାରଣ ନାଗରିକ ଏବଂ ରିୟଲ୍ ଇଷ୍ଟେଟ୍ କ୍ଷେତ୍ର ଏହାର ଲାଭାଂଶ ପାଉଛନ୍ତି । ଇଟା ଏବଂ ବାଲି ସହିତ ଅନ୍ୟ କେତେକ ସାମଗ୍ରୀ ଉପରେ ଜିଏସଟି ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ ହେବା ଫଳରେ କ୍ଷୁଦ୍ର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ଜିଏସଟି ସଂସ୍କାର ଆବାସ ଏବଂ ଭିତ୍ତିଭୂମି ବିକାଶକୁ ଅଧିକ ସୁଲଭ କରିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଜିଏସଟି ବଚତ୍ ଉତ୍ସବ, ସମସ୍ତଙ୍କ ପାଇଁ ଲାଭ ଏବଂ**

**ଅର୍ଥନୀତିକୁ ପ୍ରୋତ୍ସାହନ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଅର୍ଥନୀତି ବିଶେଷଜ୍ଞ ଡକ୍ଟର ଅମନ ଅଗ୍ରଓ୍ୱାଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ ।

## ଓ୍ୱାର୍ଲଡ ବ୍ୟାଙ୍କ-ଏଡିବି

ଏସୀୟ ଉନ୍ନୟନ ବ୍ୟାଙ୍କ-ଏଡିବି ଏହାର ସଦସ୍ୟ ରାଷ୍ଟ୍ରମାନଙ୍କ ପାଇଁ ଋଣ କ୍ଷମତା ବୃଦ୍ଧି କରିବା ଲକ୍ଷ୍ୟରେ ବିଶ୍ୱବ୍ୟାଙ୍କ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି । ୩ ବିଲିୟନ୍ ଆମେରିକୀୟ ଡଲାରର ସାର୍ବଭୌମ ଏକ୍ସପୋଜ୍ ଏକ୍ସଚେଞ୍ଜ୍ ଆଧାରିତ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏ ସଂପର୍କରେ ସୂଚନା ଦେଇ ଏଡିବି କହିଛି, ବିଶ୍ୱବ୍ୟାଙ୍କ ସହିତ ପ୍ରଥମଥର ପାଇଁ ଏଭଳି ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି ।

ଅନ୍ୟାନ୍ୟ ବହୁପକ୍ଷୀୟ ବିକାଶ ବ୍ୟାଙ୍କ ସହିତ ରହିଥିବା ଚୁକ୍ତିପତ୍ରକୁ ମିଶାଇ ଏହା ହେଉଛି ଏଡିବିର ଷଷ୍ଠତମ ଚୁକ୍ତିପତ୍ର । ଏଡିବିର ଆର୍ଥିକ ଏବଂ ବିପର୍ଯ୍ୟୟ ପରିଚାଳନା ଉପାଧ୍ୟକ୍ଷ ରୋବୋର୍ଟୋ ଟାସାଲୀ କହିଛନ୍ତି, ବିଶ୍ୱବ୍ୟାଙ୍କ ସହ ଏହି ଚୁକ୍ତିନାମା ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ମିଳିତ ଭାବେ କାମ କରିବା ଏବଂ ଆହ୍ୱାନର ମୁକାବିଲା ଦିଗରେ ରହିଥିବା ପରିସରକୁ ବ୍ୟାପକ କରିବ।

## ବଲିଭିଆ-ପ୍ରେଜ୍ ଇଲେକ୍ସନ

ବଲିଭିଆର ରାଷ୍ଟ୍ରପତି ନିର୍ବାଚନରେ ଜଣେ ମଧ୍ୟମପନ୍ଥୀ ସିନେଟର ରୋଡ୍ରିଗୋ ପାଜ୍ ବିଜୟୀ ହୋଇଛନ୍ତି । ଦେଶର ନିମ୍ନଗାମୀ ଅର୍ଥନୈତିକ ପରିସ୍ଥିତି ଯୋଗୁଁ ଗତ ଦୁଇ ଦଶନ୍ଧି ଧରି ରହିଥିବା ବାମପନ୍ଥୀ ଶାସନର ଅନ୍ତ ଘଟିଛି । ଶ୍ରୀ ପାଜ୍

ତାଙ୍କର ରକ୍ଷଣଶୀଳ ପ୍ରତିଦ୍ୱନ୍ଦୀ ଜର୍ଜ ଟୁଟୋ କୁଇରୋଗାଙ୍କୁ ପରାସ୍ତ କରିଛନ୍ତି । ବଲିଭିଆର ନିର୍ବାଚନ ଟ୍ରିବ୍ୟୁନାଲ୍ ଦେଇଥିବା ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଶ୍ରୀ ପାଜ୍ ୫୪ ଦଶମିକ ୫ ପ୍ରତିଶତ ଭୋଟ୍ ପାଇଥିବା ବେଳେ କୁଇରୋଗା ୪୫ ଦଶମିକ ୫ ପ୍ରତିଶତ ଭୋଟ୍ ପାଇଛନ୍ତି । ତେବେ ଦେଶର ସମ୍ବିଧାନରେ ଶ୍ରୀ ପାଜ୍‌ଙ୍କ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନଥିବାରୁ କ୍ଷମତା ହାସଲ ଲାଗି ତାଙ୍କୁ ଅନ୍ୟ ଦଳ ସହ ମେଣ୍ଟ ଗଠନ କରିବାକୁ ପଡ଼ିବ । ଆସନ୍ତାମାସ ୮ ତାରିଖରେ ନିର୍ବାଚିତ ରାଷ୍ଟ୍ରପତି ଶ୍ରୀ ପାଜ୍ କାର୍ଯ୍ୟଭାର ଗ୍ରହଣ କରିବେ ।

## ରାଜନାଥ - ପୁଲିସ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲି ପୁଲିସ ସ୍ମୃତି ଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ପୋଲିସ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ୧୯୫୯ ମସିହା ଅକ୍ଟୋବର ୨୧ ତାରିଖରେ ଲଦାଖରେ ଚୀନ୍ ସୈନ୍ୟଙ୍କ ଆକ୍ରମଣରେ ୧୦ ଜଣ ଭାରତୀୟ ପୁଲିସ ସହିଦ ହୋଇଥିଲେ । ସେହିଦିନଠାରୁ ପ୍ରତ୍ୟେକ ବର୍ଷ ପୁଲିସ ସ୍ମୃତି ଦିବସ ପାଳନ କରାଯାଉଛି ।

ସେହିଦିନ ଦିଲ୍ଲୀ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ପକ୍ଷରୁ ଏକ ମିଳିତ ପରେଡ୍ ଅନୁଷ୍ଠିତ ହେବ । କେନ୍ଦ୍ରମନ୍ତ୍ରୀ, କେନ୍ଦ୍ରୀୟ ସୁରକ୍ଷା ବଳ ମୁଖ୍ୟ ଏବଂ କେନ୍ଦ୍ରୀୟ ପୁଲିସ ସଂଗଠନର ମୁଖ୍ୟ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ କରିବେ । ଚଳିତମାସ ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ପୁଲିସ ସ୍ମାରକୀଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ଓ୍ୱମେନ୍ କ୍ରିକେଟ୍

ଆଇ.ସି.ସି. ମହିଳା ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଏହି ମ୍ୟାଚ୍

ନଭି ମୁମ୍ବାଇର ଡକ୍ଟର ଡି.ୱାଇ. ପାଟିଲ୍ ସ୍ପୋର୍ଟସ୍ ଏକାଡେମୀରେ ଭାରତୀୟ ସମୟ ଅପରାହ୍ଣ ୩ଟାରେ ଖେଳାଯିବ ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଇଂଲଣ୍ଡ ୪ ରନ୍‌ରେ ଭାରତକୁ ପରାସ୍ତ କରିଥିଲା । ଏହି ବିଜୟ ଫଳରେ ଇଂଲଣ୍ଡ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ସେମିଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି । ଅନ୍ୟ ପକ୍ଷରେ ସେମିଫାଇନାଲ୍‌ରେ ସ୍ଥାନ ପାଇବା ଲାଗି ନ୍ୟୁଜିଲାଣ୍ଡ ଏବଂ ବାଂଲାଦେଶକୁ ଭାରତ ପରାସ୍ତ କରିବାକୁ ପଡ଼ିବ ।

## ପାଣିପାଗ

କେରଳ, ତାମିଲନାଡୁ ଏବଂ କର୍ଣ୍ଣାଟକରେ ଆଜି ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ମାହେ, ପୁଡୁଚେରୀ, ଆନ୍ଧ୍ରପ୍ରଦେଶ, ଲାକ୍ଷାଦୀପ ଏବଂ କରେଇକାଲ୍ ଠାରେ ମଧ୍ୟ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବର୍ଷା ହୋଇପାରେ । ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, କୋଙ୍କଣ, ଗୋଆ, ମଧ୍ୟ-ମହାରାଷ୍ଟ୍ର, ମରାଠୱାଡ଼ା, ନାଗାଲ୍ୟାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା ଏବଂ ତେଲଙ୍ଗାନାରେ ମଧ୍ୟ ଆଜି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।